## ସରିଲା ଖରିଫ ଧାନକିଣା, ରବି ଋତୁ ପାଇଁ ପ୍ରସ୍ତୁତି

# ୨ ଲକ୍ଷ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ଉଠାଇନାହିଁ ଏଫ୍‌ସିଆଇ

ବଲାଙ୍ଗିର,୩୧।୩(ସମିସ)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ବଲାଙ୍ଗିର ଜିଲ୍ଲାରେ ଶେଷ ହୋଇଛି ୨୦୨୫-୨୬ ଖରିଫ ଧାନ କିଣା ପ୍ରକ୍ରିୟା। ଅନେକ ବାଦବିବାଦ ଭିତରେ ଧାନକିଣା ପ୍ରକ୍ରିୟା ପରିଚାଳନା କରାଯାଇଥିବା ଅଭିଯୋଗ ହୋଇଥିଲା। ମାର୍ଚ୍ଚ ୩୧ ସୁଦ୍ଧା ବିଭାଗୀୟ ତଥ୍ୟ ଅନୁସାରେ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି କରି ନଥିବା ଜଣାପଡ଼ିଛି। ଚଳିତବର୍ଷ ଖରିଫରେ ପ୍ରାୟ ୪୪ ଲକ୍ଷ ୯୩ ହଜାର କ୍ୱିଣ୍ଟାଲ ଧାନକିଣା ଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ରବି ଧାନକିଣା ପାଇଁ ମଧ୍ୟ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ପୂର୍ବବର୍ଷ ଖରିଫ ଅପେକ୍ଷା ଚଳିତ ଖରିଫରେ ୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସଂଖ୍ୟାବୃଦ୍ଧି ପାଇଥିବାବେଳେ ରବିରେ ମଧ୍ୟ ଚାଷୀ ପଞ୍ଜୀକରଣ ସଂଖ୍ୟା ବହୁମାତ୍ରାରେ ବଢ଼ିବ ବୋଲି ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଗୋଦାମରେ ଧାନ କିଣାହୋଇ ଗଚ୍ଛିତ ରହିଥିବାବେଳେ ଏଫ୍‌ସିଆଇ ଚାଉଳ ଉଠାଉ ନ ଥିବାରୁ ମିଲର ମାନେ ମିଲ୍ ଆରମ୍ଭ କରି ନ ଥିବା ଜଣାପଡ଼ିଛି। ଯାହାର ପ୍ରଭାବ ରବି ଧାନକିଣା ଉପରେ ପଡ଼ିବାର ସମ୍ଭାବନା ରହିଛି।

୨୦୨୫-୨୬ ଖରିଫରେ ରାଜ୍ୟରେ ବେଶ ସୁରୁଖୁରୁରେ ଧାନକିଣା ସମ୍ପୂର୍ଣ୍ଣ ହୋଇଥିବା ବିଭାଗୀୟ ମନ୍ତ୍ରୀ ପ୍ରତିକ୍ରିୟା ରଖୁଥିବାବେଳେ ଜିଲ୍ଲା ମାନଙ୍କରେ ବାସ୍ତବିକ ଚିତ୍ର ଭିନ୍ନ ରହିଛି। ବିଶେଷ କରି ବଲାଙ୍ଗିର ଜିଲ୍ଲାରେ ଧାନକିଣା ଓ ତାହାର ପରବର୍ତ୍ତୀ ଚିତ୍ର ଅଧିକ ଜଟିଳ ରହିଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ୩୧ ତାରିଖରେ ଖରିଫ ଧାନ କିଣା ଶେଷ ହୋଇଛି। ଅନ୍ୟପଟେ ରବି ଧାନକିଣା ପାଇଁ ଚାଷୀ ପଞ୍ଜୀକରଣ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ଖରିଫରେ କିଣାଯାଇଥିବା ଧାନ କୁ ମିଲିଂ କରି ଚାଉଳ କରିବା ପ୍ରକ୍ରିୟା ମିଲ୍ ମାନଙ୍କରେ ଠିକ ଭାବେ ଆରମ୍ଭ ହୋଇନାହିଁ। କାହିଁକିନା ଜିଲ୍ଲାର ମିଲ ମାନଙ୍କରେ ୨୦୨୪-୨୫ ଖରିଫ ଓ ରବିରେ କିଣାଯାଇଥିବା ଧାନ ରୁ କରାଯାଇଥିବା ଚାଉଳ ହସ୍ତାନ୍ତର ହୋଇନାହିଁ। କାହିଁକିନା ଏଫ୍‌ସିଆଇ ଯେତେ ଚାଉଳ ଉଠାଇବା କଥା ତାହା ନେଉ ନ ଥିବାରୁ ମିଲରମାନେ ହରଡଘଣାରେ ପଡ଼ିଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ଚଳିତ ଖରିଫରେ ପୂର୍ବ ଖରିଫ ଅପେକ୍ଷା ଅଧିକ ୮ ହଜାର ୭ଶହ ୭୯ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଅର୍ଥାତ ଚଳିତ ଖରିଫ ପାଇଁ ପ୍ରଥମ ଦଫାରେ ୧ ଲକ୍ଷ ୪ ହଜାର ୧୮୭ ଜଣ ଚାଷୀଙ୍କ ଯାଞ୍ଚ କରାଯାଇଥିଲା। ପରେ ୩୨୨ ଜଣ ଚାଷୀଙ୍କ ବିଭିନ୍ନ ସମସ୍ୟା ଦେଖାଇ ବାଦ ଦିଆଯାଇଥିଲା।

- ଏବର୍ଷ ବାହାରିବ ୩୦ ଲକ୍ଷ ୭୮ ହଜାର କ୍ୱିଣ୍ଟାଲ ଚାଉଳ
- ଜିଲ୍ଲାରେ ଠିକ୍ ଭାବେ ଆରମ୍ଭ ହୋଇନାହିଁ ମିଲିଂ ପ୍ରକ୍ରିୟା

ତେବେ ବଳକା ୧ ଲକ୍ଷ ୩ ହଜାର ୮୬୬ ଜଣ ଚାଷୀଙ୍କ ମଧ୍ୟରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୧ ଲକ୍ଷ ୧ ହଜାର ୬୧୧ ଜଣ ଚାଷୀଙ୍କ ଧାନ ସରକାର କିଣିଥିବା ଜଣାପଡ଼ିଛି। ଅର୍ଥାତ ୨୨୫୫ ଜଣ ଚାଷୀ ଧାନ ବିକିନଥିବା ଜଣାପଡିଛି। ଚଳିତ ଖରିଫରେ ୪୪୯୩୪୪୨.୩୬ କ୍ୱିଣ୍ଟାଲ ଧାନ ସରକାର କିଣିଥିବା ବିଭାଗୀୟ ତଥ୍ୟରୁ ଜଣାପଡ଼ିଛି। ସେହିପରି ୨୦୨୪-୨୫ ଖରିଫରେ ୯୫ ହଜାର ୮୭ ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୯୧ ହଜାର ୩୧ ଜଣ ଚାଷୀ ୪୦୯୯୩୦୨.୩୮ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ। ତେବେ ବର୍ତ୍ତମାନ ସମସ୍ୟାଟି ହେଉଛି ରବି ଧାନକିଣା ପାଇଁ ପ୍ରସ୍ତୁତି ପୂର୍ବକ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି। ଗତ ମାର୍ଚ୍ଚ ୩ ତାରିଖରୁ ୩୧ ତାରିଖ ସୁଦ୍ଧା ଜିଲ୍ଲାରେ ୧୭ ହଜାର ୩୦୪ ଜଣ ଚାଷୀଙ୍କ ପଞ୍ଜିକରଣ କରାଯାଇଛି। ଯେଉଁଥିରେ ୮୭୩୧ ଚାଷୀ ନୂତନ ଭାବେ ପଞ୍ଜିକରଣ କରିଥିବାବେଳେ ୮୫୭୩ ଚାଷୀଙ୍କ ନବୀକରଣ କରାଯାଇଛି। ଆଉ କିଛି ମାସ ପରେ ଜିଲ୍ଲାରେ ରବି ଧାନ କିଣା ଆରମ୍ଭ ହେବ । କିନ୍ତୁ ଏହା କେତେ ସ୍ୱାଭାବିକ ହେବ ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇରହିଛି। କାହିଁକିନା ଏଫ୍‌ସିଆଇ ବଲାଙ୍ଗିର ଜିଲ୍ଲାରୁ ଠିକ ଭାବେ ଧାନ ଉଠାଉ ନ ଥିବାରୁ ମିଲରମାନଙ୍କ ଗୋଦାମରେ ଗତ ଖରିଫ ଓ ରବି ଚାଉଳ ସହିତ ଚଳିତ ଖରିଫର ଧାନ ମଧ୍ୟ ଗଚ୍ଛିତ ହୋଇରହିଛି।

ବିଭାଗୀୟ ରିପୋର୍ଟ ଅନୁସାରେ ୨୦୨୪-୨୫ ଖରିଫ ଓ ରବିରେ ଜିଲ୍ଲା ତଥା ଜିଲ୍ଲା ବାହାରୁ କିଣାଯାଇଥିବା ଧାନ ବଦଳରେ ୩୮ ଲକ୍ଷ ୮୫ ହଜାର ୭୫୧ କ୍ୱିଣ୍ଟାଲ ଚାଉଳ ମିଲରମାନେ ଦେବେ। ଯାହାକି ଆରଆରସି ଓ ଏଫ୍‌ସିଆଇ ଉକ୍ତ ଚାଉଳ ଗ୍ରହଣ କରିବେ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଜିଲ୍ଲାର ମିଲରମାନେ ୩୬ ଲକ୍ଷ ୯୭ ହଜାର ୮୬୦ କ୍ୱିଣ୍ଟାଲ ଚାଉାଳ ପ୍ରଦାନ କରିଛନ୍ତି। ଏହାରି ଭିତରୁ ୨୧ ଲକ୍ଷ ୫୪ ହଜାର ୮୧୧ କ୍ୱିଣ୍ଟାଲ ଚାଉଳ ଏଫ୍‌ସିଆଇ ଓ ୧୫ ଲକ୍ଷ ୪୩ ହଜାର ୦୪୯ କ୍ୱିଣ୍ଟାଲ ଆରଆରସି ଗ୍ରହଣ କରିଛି। ଏବେବି ୨ ଲକ୍ଷ ୨୩ ହଜାର ୯୪୯ କ୍ୱିଣ୍ଟାଲ ଚାଉଳ ମିଲରମାନେ ଦେବା ବାକି ରହିଛି। ଅନ୍ୟପକ୍ଷରେ ଚଳିତ ଖରିଫରେ କିଣାଯାଇଥିବା ଧାନ ବଦଳରେ ମିଲରମାନେ ୩୦ ଲକ୍ଷ ୭୮ ହଜାର ୨୭୭ କ୍ୱିଣ୍ଟାଲ ଚାଉଳ ସରକାରଙ୍କୁ ଦେବେ। ଅର୍ଥାତ ୨୦୨୪-୨୫ ଖରିଫ, ରବି ଓ ଚଳିତ ଖରିଫକୁ ମିଶାଇଲେ ଏବେ ଜିଲ୍ଲାରେ ୩୨ ଲକ୍ଷରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଚାଉଳ ବକେୟା ରହିଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ବାସ୍ତବିକ ଚିତ୍ରକୁ ଅନୁଧ୍ୟାନ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଜନଗଣନା ତାଲିମ ଉଦ୍‌ଯାପିତ




କଣ୍ଟାବାଞ୍ଜି,୩୧।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଆୟୋଜିତ ଜନଗଣନା-୨୦୨୭ ସମ୍ବନ୍ଧୀୟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି ଶିବିରରେ ଗୃହ ଗଣନା କାର୍ଯ୍ୟକୁ ଠିକ୍ ଭାବେ ସମ୍ପାଦନ କରିବା ନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମକୁ ଚାର୍ଜ ଅଫିସର ଛବି ପୋଢ଼ ସଂଯୋଜନା କରିଥିଲେ। ତାଲିମଦାତା ଭାବେ ଦିନେଶ ମହାନନ୍ଦ ଏବଂ ମୁକେଶ ଦାସ ଯୋଗଦେଇ ଗଣନାକାରୀମାନଙ୍କୁ ଆଗାମୀ ଜନଗଣନା ପାଇଁ ପ୍ରସ୍ତୁତ କରିଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦର ଅମିନ କିଶୋର ସୁନା ଏହି କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ ୫୪ ଜଣ ଗଣନାକାରୀ ଏବଂ ୮ ଜଣ ସୁପରଭାଇଜର ଅଂଶଗ୍ରହଣ କରିଥିଲେ। ତାଲିମ ସମାପ୍ତ ହେବା ପରେ ସମସ୍ତ ଗଣନାକାରୀ ଘରକୁ ଘର ଯାଇ ଅଭ୍ୟାସମୂଳକ ଭାବେ ନିଜ ନିଜ ମୋବାଇଲ୍ ମାଧ୍ୟମରେ ଗୃହ ଗଣନା କାର୍ଯ୍ୟ ସମ୍ପାଦନ କରିଥିଲେ। ଡିଜିଟାଲ୍ ମାଧ୍ୟମରେ କିଭଳି ନିର୍ଭୁଲ୍ ଭାବେ ତଥ୍ୟ ସଂଗ୍ରହ କରାଯିବ ସେ ନେଇ ଏହି କ୍ଷେତ୍ର ପରିଦର୍ଶନ ସମୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବଲାଙ୍ଗିର,୩୧।୩(ସମିସ): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟଠାରେ ମଙ୍ଗଳବାର ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଏକ ଉଚିତ୍ ପଦକ୍ଷେପ ଓ କବଚ ସଦୃଶ ବୋଲି ବକ୍ତାମାନେ କହିଥିଲେ। ଏ ପ୍ରଶିକ୍ଷଣ ଶିବିର ଗତ ଫେବୃଆରୀ ୧୦ରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ସପ୍ତାହକୁ ଥରେ ଅନୁଷ୍ଠିତ ହେଉଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୌତୁକ ପନ୍ଦର ଏଥିରେ ସଭାପତିତ୍ୱ କରିଥିଲେ। ସଂଯୋଜିକା ପ୍ରାଧ୍ୟାପିକା ବନ୍ଦନା ବାର୍ ଏହାର ଦାୟିତ୍ୱକୁ ସମାପ୍ତି କରିଥିଲେ। ଡ.ରମଣୀ ନାଏକ, ଡ.ବିଜୟ ବେହେରା, ଲିଲିମା ଗର୍ଡିଆ, କଲ୍ୟାଣୀ ମିଶ୍ର, କମଳାକାନ୍ତ କରାଲି ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ପ୍ରଶିକ୍ଷିକା ଲିପ୍ସାରାଣୀ ଡାଙ୍ଗ ଓ ସୁବାସିନୀ ମଲ୍ଲିକ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ହୃଷୀକେଶ ଦାସ ଧନ୍ୟବାଦ ଦେଇଥିଲେ।

## ବେଲପଡ଼ା କଲେଜ ପରିଦର୍ଶନ କଲେ ଆଞ୍ଚଳିକ ନିର୍ଦ୍ଦେଶକ



ବେଲପଡ଼ା,୩୧।୩(ସମିସ): ବେଲପଡ଼ା ପଞ୍ଚାୟତ ସମିତି କଲେଜକୁ ଆଜି ସମ୍ବଲପୁର ଆଞ୍ଚଳିତ ନିର୍ଦ୍ଦେଶକ ଡ. ମୁରଲୀଧର ମାଝୀ ପରିଦର୍ଶନରେ ଯାଇଥିଲେ। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ନିୟମିତ କ୍ଲାସ ଓ ଇଣ୍ଟରନାଲ ପରୀକ୍ଷା ହେଉଥିବା ଦେଖିବାକୁ ପାଇଥିଲେ। ଅଧ୍ୟକ୍ଷଙ୍କୁ ଶିକ୍ଷାର ମାନ ସର୍ବଦା ବଳବତ୍ତର ରଖିବାକୁ ପରାମର୍ଶ ଦେଇଥିଲେ।

## ଜଙ୍ଗଲରୁ ନିଖୋଜ ବୃଦ୍ଧାଙ୍କ ଗଳିତ ଶବ ଉଦ୍ଧାର



ମୁରିବାହାଲ,୩୧।୩(ସମିସ): ମୁରିବାହାଲ ଥାନା ଅଧୀନ ଗୁଲମୀ ଜଙ୍ଗଲରୁ ଜଣେ ବୃଦ୍ଧାଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ଖବର ପାଇ ମୁରିବାହାଲ ଥାନା ଆଇଆଇସି ବୁଲୁ ମୁଣ୍ଡା ଟିମ୍ ସହ ପହଞ୍ଚି ଶବ ଉଦ୍ଧାର କରିଥିଲେ। ମୃତକ ହେଲେ ହଳଦୀ ପଞ୍ଚାୟତ ଅଧୀନ ଦାଡିଆପଦର୍ ଗାଁର ୮୦ ବର୍ଷୀୟ ବୃଦ୍ଧା ଦୁଲାରି ପୁଟେଲ। ସେ ପିନ୍ଧିଥିବା ଏକ ରୁପା ଚେନ୍‌ରୁ ତାଙ୍କ ସମ୍ପର୍କୀୟ ତାଙ୍କୁ ଚିହ୍ନଟ କରିଥିଲେ। ଗତ ୧୦ ତାରିଖରେ ସେ ମହୁଲ ଫୁଲ ଗୋଟାଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏନେଇ ସେଦିନ ତାଙ୍କ ପୁଅ ଗୋପୀ ପୁଟେଲ ଥାନାରେ ଅଭିଯୋଗ କରିଥିଲେ।

## ମେଲୋଡି କଳାକାର ପ୍ରତାପ ସୁନାଙ୍କ ପରଲୋକ



କଣ୍ଟାବାଞ୍ଜି,୩୧।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଜଣାଶୁଣା ମେଲୋଡ଼ି କଳାକାର ପ୍ରତାପ ସୁନା ଆଉ ନାହାନ୍ତି। ଗତ କିଛି ମାସ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା। ଏଣୁ ସେ ରାୟପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଏହି ଖବର ଶୁଣିବା ପରେ କଣ୍ଟାବାଞ୍ଜି ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନେକ ସଂଗଠନ ଏବଂ ବ୍ୟକ୍ତି ବିଶେଷ ତାଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରିଛନ୍ତି।

## 'ଅନ୍ୱେଷଣ'ରେ ମନ ଛୁଇଁଲା ଗୁଟେ ଭିନେ ବାପ୍‌ର କଥା






ବଲାଙ୍ଗିର,୩୧।୩(ସମିସ): ବଲାଙ୍ଗିରର ଅଗ୍ରଣୀ ସମାଜ ସଂସ୍କୃତିର ଅନୁଷ୍ଠାନ ଅନ୍ୱେଷଣ ତରଫରୁ କୋଶଳ କଳାମଣ୍ଡଳ ପଡିଆରେ ଅନ୍ୱେଷଣ ଫେଷ୍ଟ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ନାଟ୍ୟକାର ପ୍ରକାଶ ଚନ୍ଦ୍ର ଥନାପତିଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଗୁଟେ ଭିନେ ବାପ୍‌ର କଥା' ମଞ୍ଚସ୍ଥ ହୋଇଥିଲା। ବଲାଙ୍ଗିର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ସମିତିସଭ୍ୟ ଗୋଲାପ ବାଗ, ସମ୍ପାଦକ ପ୍ରକାଶ ଥନାପତି, ନାଟ୍ୟ ନିର୍ଦ୍ଦେଶକ ରାମଚନ୍ଦ୍ର ସାହୁ, ଅଧ୍ୟାପକ ଡ. ଲକ୍ଷ୍ମଣ ମେହେର, ଗୀତିକାର ଶାନ୍ତନୁ ପୁରୋହିତ, ନାଟ୍ୟ ନିର୍ଦ୍ଦେଶକ ହିମାଂଶୁ ଶେଖର ଖମାରୀ, ଲୋକସଂସ୍କୃତ ଗବେଷକ ନୀଳାଞ୍ଚଳ ନନ୍ଦ, ଯୁବ ସଂଗଠକ ବିନୋଦ କାଲସାଏ, କବି ଗୋପୀନାଥ ଦଣ୍ଡସେନା, ଯୁବା କଳାକାର ଭରତ ନାଗ ପ୍ରମୁଖ ବିଭିନ୍ନ ଅଧିବେଶନରେ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱରୂପା ସିଂହ ଏବଂ ସନ୍ଦୀପ କୁଅଁର ବିଭିନ୍ନ ଅଧିବେଶନରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ନାଟ୍ୟକାର ନିର୍ଦ୍ଦେଶକ ଅରବିନ୍ଦ ବାଗ, ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ବାସୁଦେବ ସା, ଈଶ୍ୱରୀ ବେହେରା, ସୁଶ୍ରୀ ସାଇସୁଧା ସିଂହଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ଅର୍ଜୁନ ସାହୁଙ୍କ ସଂଯୋଜନାରେ ରାଜେଶ ଦଣ୍ଡସେନା, ଗରିବ ମଲ୍ଲିକ, ସ୍ୱପ୍ନେଶ୍ୱର ମିଶ୍ର, ମିଳନ ପଣ୍ଡା ପ୍ରମୁଖ ବ୍ୟଙ୍ଗ କବିତା ପଢିଥିଲେ। ସେହିଭଳି ଲୋକନୃତ୍ୟ, ଶାସ୍ତ୍ରୀୟନୃତ୍ୟ, ଚିତ୍ରାଙ୍କନ, ଅଭିନୟ ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ନରଡ଼ାର କଳାକାରମାନେ ହଜି ଯାଉଥିବା ବିହା ବଜା ଓ ଲୋକନୃତ୍ୟ ନଟନିଆ ପରିବେଷଣ କରିଥିଲେ। ସୁନ୍ଦରଗଡ଼ର ସୁଶାନ୍ତ ମଲ୍ଲିକଙ୍କ ଦଳ କରମସାନି ଲୋକନୃତ୍ୟ ପରିବେଷଣ କରିଥିଲେ।

## କ୍ୟାମ୍ପ କୋର୍ଟ ଓ ଜନଅଭିଯୋଗ ଶୁଣାଣି



ବଲାଙ୍ଗିର,୩୧।୩(ସମିସ): ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦିନିକିଆ କ୍ୟାମ୍ପ କୋର୍ଟ ଏବଂ ସାର୍ବଜନୀନ ଶୁଣାଣି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏହି ଅବସରରେ ଓ ଏସ୍‌ସିପିସିଆରର କସ୍ତୁରୀ ମିଶ୍ର, ମନୋସ୍ମିତା ଖୁଣ୍ଟିଆ ଉପସ୍ଥିତ ରହି ଶିଶୁମାନଙ୍କର ସମସ୍ୟା ଶୁଣିଥିଲେ। ଆଜି ୨୧ ଟି ଶୁଣାଣି ହୋଇଥିଲା ଏବଂ ତାର ସମାଧାନ ପ୍ରତି ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ପର୍ଯ୍ୟାୟକ୍ରମେ ଆଲୋଚନା ହୋଇ ବିଭାଗ ଗୁଡ଼ିକୁ ତୁରନ୍ତ ସମାଧାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ୯୦ରୁ ଊର୍ଦ୍ଧ୍ୱ କେସ୍ ମାତୃ-ପିତୃ ହୀନ ଶିଶୁଙ୍କର ଅଭିଯୋଗ ଶୁଣାଣି କରାଯାଇଥିଲା। ଆଇନ୍ ପର୍ଯ୍ୟବେକ୍ଷକ ଅଧିକାରୀ ମହମ୍ମଦ ରହେମାନ୍ ଅବଦୁଲ ଉପସ୍ଥିତ ଥିଲେ। ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଲୀନା ବାବୁ, ଏସ୍ ଲତାଶ୍ରୀ, ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା, ପ୍ରୋଗ୍ରାମ ଅଧିକାରୀ - ସୁଧାଂଶୁ ଶେଖର କୁମ୍ଭାର, ଦିଗମ୍ବର କର, ଆଶିଷ ନାୟକ, ସାମାଜିକକର୍ମୀ ଅରୁଣ କୁମାର ଖୁଆସ, ହରିବନ୍ଧୁ ରାଉତ୍, ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଉପସ୍ଥିତ ଥିଲେ।

## ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଙ୍ଗୋମୁଣ୍ଡା,୩୧।୩(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିରାମ ସତନାମୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ମୁଖ୍ୟବକ୍ତା ଭାବେ ବଙ୍ଗୋମୁଣ୍ଡା ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅରୁଣ ଯୋଶୀ, ସମ୍ମାନିତ ଅତିଥି ଜିତାମିତ୍ର ବିଶି, ପୂର୍ବତନ ସିଆରସିସି ଜୟକର ବାଗ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଦୟବାନ ଛତ୍ରୀଆ, ବରିଷ୍ଠ କଳାକାର ରେଣୁରଞ୍ଜନ ବାଗ, ବଲାଙ୍ଗିର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଙ୍ଗଠନ ସମ୍ପାଦକ ହୁଲେଶ୍ୱର ହଂସ, କେଜିଭିବି ୱାର୍ଡେନ ଶଶିକଳା ବାଗ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ଚିତ୍ରଶିଳ୍ପୀ ଘନଶ୍ୟାମ ମନହୀରା, ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୋଜରାଜ ବିଶ୍ୱାଳ, ସତନାମୀନଗର ବିଦ୍ୟାଳୟର ପ୍ରଧାନଶିକ୍ଷକ ତୀବ୍ରରାଜ ମେହେର, ସାମ୍ବାଦିକ ଅନୀଲ ଖମାରୀ ପ୍ରମୁଖ ଯୋଗଦେଇ ଶିକ୍ଷା ସମାଜକୁ ଶୃଙ୍ଖଳିତ କରେ, ସମାଜ ଗଠନରେ ଶିକ୍ଷାର ଗୁରୁତ୍ୱ ରହିଛି। ଶିକ୍ଷା ବିନା ବ୍ୟକ୍ତିତ୍ୱର ବିକାଶ ହୋଇପାରିବ ନାହିଁ। ସାମଗ୍ରୀକ ବିକାଶ ପାଇଁ ଶିକ୍ଷା ହିଁ ମୂଳମନ୍ତ୍ର। ନାରୀ ଶିକ୍ଷାକୁ ଗୁରୁତ୍ୱ ଦେଇ ଗଢି ଉଠିଥିବା ଏହି ଶତାୟୁ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ହେଉ ବୋଲି ମଞ୍ଚାସୀନ ଅତିଥି ଗଣ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବବିତା ସାହୁ ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଶିକ୍ଷକ ପୃଥ୍ୱୀରାଜ ଚାନ୍ଦ ସଂଯୋଜନା କରିଥିଲେ। ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ଟିକେମଣି ପ୍ରଧାନ, ରିତା ବଂଶଲ, ସସ୍ମିତା ଦେବତା, ସୁନିତା ପ୍ରଧାନ,ଗାୟତ୍ରୀ ସାହୁ, ପାୟଲ ବାଗ, ରଶ୍ମୀକାନ୍ତ ସିନ୍ଦୁର, ସୁଷମା ଛୁରା, ଶିଶୁ ସେବିକା ଖଜନିତା ଭୋଇ ସହଯୋଗ କରିଥିଲେ।

■ ଟିଟିଲାଗଡ଼ ବିଧାୟକଙ୍କ ଫାଙ୍କା ଗୁଳି ଚାଳନା ଘଟଣା

## କାର୍ଯ୍ୟାନୁଷ୍ଠାନ ଦାବିକଲା 'ଆପ୍'



ବଲାଙ୍ଗିର,୩୧।୩(ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସହରେ ରାମନବମୀ ଶୋଭାଯାତ୍ରାରେ ଶହଶହ ଲୋକଙ୍କ ସମ୍ମୁଖରେ ଫାଙ୍କା ଗୁଳି ଚାଳନା ଘଟଣାରେ ବିଧାୟକଙ୍କୁ ଗିରଫ କରିବା ସହ ଆମ୍ ଆଦ୍‌ମୀ ପାର୍ଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏନେଇ ଏସ୍‌ପିଙ୍କ ଜରିଆ ରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାର ସଠିକ ତଦନ୍ତ କରି ବିଧାୟକକୁ ଗିରଫ କରାଯିବା ଏବଂ ତାଙ୍କୁ ବିଧାୟକ ପଦରୁ ନିଲମ୍ବିତ କରିବା ଦାବିନେଇ ମଙ୍ଗଳବାର ଆମ୍ ଆଦ୍‌ମୀ ପାର୍ଟି ଜିଲ୍ଲା ସଭାପତି ତଥା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଆଶିଷ ପାଣ୍ଡେଙ୍କ ନେତୃତ୍ୱରେ ଏକ ଟିମ୍ ବଲାଙ୍ଗିର ଅତିରିକ୍ତ ଏସ୍‌ପିଙ୍କୁ ଭେଟି ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଆପ୍ ବଲାଙ୍ଗିର ଯୁବ ସଭାପତି ରମାକାନ୍ତ ବେହେରା, ସଂଖ୍ୟାଲଘୁ ବର୍ଗ ସଭାପତି ଅଶୋକ ସୁନା, ଲୋଇସିଂହା ନିର୍ବାଚନମଣ୍ଡଳୀ ସମ୍ପାଦକ ପଙ୍କଜ ସାହୁ, ବଲାଙ୍ଗିର ନିର୍ବାଚନମଣ୍ଡଳୀ ଯୁଗ୍ମ ସମ୍ପାଦକ କାହ୍ନୁକରନ, ଆପ୍ ସଦସ୍ୟ ପ୍ରମୋଦ ବହିଦାର, ଦେଓଗାଁ ଯୁଗ୍ମ ସମ୍ପାଦକ ବାଳକୃଷ୍ଣ ନାଏକ, ସତ୍ୟବାନ ଭୋଇ, ପ୍ରଦୀପ ଭୋଇ, କେଶବ ସାହୁ, କୁଳ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ରକ୍ତଦାନ ଶିବିର: ୮୩ ୟୁନିଟ୍ ସଂଗ୍ରହ

ବଲାଙ୍ଗିର,୩୧।୩(ସମିସ)




ସ୍ୱର୍ଗତ ମହାରାଜ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ୧୧୪ତମ ଜନ୍ମ ଜୟନ୍ତୀ ଅବସରରେ ବଲାଙ୍ଗିର ଗାନ୍ଧି ଷ୍ଟାଡିୟମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରଟି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଉଦ୍ୟମରେ ଆୟୋଜନ କରାଯାଇଥିଲା। ଏଥିରେ ମୋଟ୍ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗଦେଇଥିଲେ।

ପୌରପରିଷଦ ଅଧ୍ୟକ୍ଷା ଲିକା ସାହୁ, ବଲାଙ୍ଗିର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଏବଂ ଦେଓଗାଁ ବ୍ଲକ୍ ଅଧ୍ୟକ୍ଷ ଦୟାନିଧୀ ଖମାରୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଶିବିରକୁ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଯୋଗଦାନ କରି ସାଧାରଣ ଜନତାଙ୍କୁ ରକ୍ତଦାନ ପାଇଁ ଆହ୍ୱାନ କରିଥିବାବେଳେ ଜିଲ୍ଲାର ରକ୍ତ ଅଭାବକୁ ଦୂର କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ରକ୍ତଦାନ ଶିବିର ରେ ପ୍ରମୁଖ ଭାବରେ ବଲାଙ୍ଗିର ବିଜୁ ଜନତା ଦଳର ଯୁବ ଛାତ୍ର ମହିଳା ତଥା ସାଧାରଣ ବର୍ଗର କର୍ମକର୍ତ୍ତାଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା, ବଲାଙ୍ଗିର ନଗର ସଭାପତି ସମ୍ଭୁ ନାଗ, ବଲାଙ୍ଗିର ଜିଲ୍ଲା ଉପସଭାପତି ଧ୍ରୁବ ଜୁଏଲ୍, ସାଧାରଣ ସମ୍ପାଦକ ଶୁଶିଲ ଚାନ୍ଦ, ଗୋଲାପ ବାଗ , ନରସିଂହ ବାଗ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା ରାଜ୍ୟ ଛାତ୍ର ସମ୍ପାଦକ ଗୁଞ୍ଜି ଖାନ, ପୂର୍ବତନ ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ସାଗର ସଂଗମ ଶତପଥୀ, ଜିଲ୍ଲା ଛାତ୍ର ସଭାପତି ସୁମନ ନନ୍ଦ, ସଦର ବ୍ଲକ ସଭାପତି ନିହାର ସ୍ୱାଇଁ, ପୂର୍ବତନ ବ୍ଲକ ସଭାପତି କୁଳମଣୀ ମେହେର, ଦେଓଗାଁ ବ୍ଲକ ସଭାପତି ଅଚ୍ୟୁତାନନ୍ଦ ମିଶ୍ର, ଛାତ୍ର ସଭାପତି ଦୀପକ ବାଗ, କାଉନସିଲର ଗଙ୍ଗାଧର ଚାନ୍ଦ, ଉପାଧ୍ୟକ୍ଷ ଗାୟତ୍ରୀ ଭୋଇ, ନନ୍ଦିନୀ ପୋଢ଼, ସଞ୍ଜୁଲତା ଦନ୍ତା, ଲଲାଟେନ୍ଦୁ ପଟ୍ଟନାୟକ, ଶତ୍ରୁଘନ ବାଗ, ଇରସାଦ ଖାନ, ସତ୍ୟ ନାଏକ, ସନ୍ତୋଷ ଦନ୍ତା, ଟିଣ୍ଟୁ ରାଓ , ବଣ୍ଟି ଚାନ୍ଦ, ରମେଶ ବେହେରା, ରଞ୍ଜନ ମିଶ୍ର, ଦେବାଶିଷ ଲେଙ୍କା, ଆଶୀର୍ବାଦ ସାହୁ ପ୍ରମୁଖ ସହଯୋଗ କରିଥିବାବେଳେ ମେଡିକାଲ ବ୍ଲଡ୍‌ବ୍ୟାଙ୍କର ଡା. ଅଶୋକ ମିଶ୍ର ଓ ତାଙ୍କ ସହଯୋଗୀ ଦଳ ରକ୍ତ ସଂଗ୍ରହ କରିଥିଲେ।

ସମସ୍ତ ରକ୍ତଦାତା ଓ ସହଯୋଗ କରିଙ୍କୁ ବଲାଙ୍ଗିର ଜିଲ୍ଲା ବିଜୁ ଜନତା ଦଳର ସୋସିଆଲ ମିଡିଆ ସଂଯୋଜକ ବିଭୁତିଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

**ଆଜି ଉତ୍କଳ ଦିବସ**

# ପଡୋଶୀ ଛତିଶଗଡ଼ରେ ଓଡ଼ିଆ ଭାଷା, ସଂସ୍କୃତିର ଛାପ

ସିନାପାଲି, ୩୧।୩(ସମିସ)







ଆଜି ହେଉଛି ପବିତ୍ର ଉତ୍କଳ ଦିବସ। ଆଜିର ଦିନରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ର ମାନ୍ୟତା ପାଇଲା। ସ୍ୱତନ୍ତ୍ର ପ୍ରଦେଶ ଗଠନର ପୁରୋଧା ଓ ଓଡିଆ ଭାଷା ସାହିତ୍ୟ, ସଂସ୍କୃତି, ପରମ୍ପରା ଐତିହ୍ୟ କୁ ଉଜ୍ଜୀବିତ କରି ରଖିଥିବା ସାରସ୍ୱତ ସାଧକମାନଙ୍କୁ ଆଜିର ଏହି ଦିବସ ଆହୁରି ଗରୀମାମୟ କରେ। ଏହି ସାଧନାରେ ସୀମାନ୍ତରେ ଥିବା ସିନାପାଲି ମାଟିର ଅନେକ ସୁଯୋଗ୍ୟ ସନ୍ତାନମାନେ ମଧ ସାହିତ୍ୟ ଭାବନା ଜାଗ୍ରତ କରି ଓଡିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ଏପରିକି ଓଡ଼ିଶାରେ ଉତ୍କଳ ଦିବସ ପାଳନ ହେଉଥିବାବେଳେ ପଡ଼ିଶାରେ ବି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ଛାପ ଦେଖିବାକୁ ମିଳିଛି। ଘର ଛତିଶଗଡ଼ରେ ହେଲେ ବି ଭାଷା, ପରମ୍ପରା, ସଂସ୍କୃତି, ଚାଲିଚଳଣ ସବୁ ଓଡ଼ିଆ ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତରେ ଅବସ୍ଥିତ ଛତିଶଗଡ଼ର ଦେଭୋଗ ବ୍ଲକରେ ଓଡ଼ିଆ ସଂସ୍କୃତି ପରମ୍ପରା ଆଜି ଆଜି ବି ଅତୁଟ। ୧୯୩୬ ମସିହା ଏପ୍ରିଲ ୧ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା। ତା' ପୂର୍ବରୁ ଅନେକ ଭାଷା ଭାଷୀ ସହିତ ବିଭିନ୍ନ ଅଞ୍ଚଳ ମିଶିକି ରହିଥିଲା। ଏବେ ଅଲଗା ରାଜ୍ୟ ହେଲେ ମଧ ବିଭାଜନ ପରେ ଛତିଶଗଡ଼ର ଏହି ଅଞ୍ଚଳରେ ଓଡ଼ିଆ ପରମ୍ପରା, ସଂସ୍କୃତି ବର୍ତ୍ତମାନ ସୁଦ୍ଧା ବଞ୍ଚି ରହିଛି। ସେତେବେଳେ ମଧ୍ୟପ୍ରଦେଶ ରାଜ୍ୟରେ ଛତିଶଗଡ଼ ମିଶିକି ଥିଲା। ପରେ ବିଭାଜନ ହୋଇ ଛତିଶଗଡ଼ ନୂତନ ରାଜ୍ୟର ମାନ୍ୟତା ପାଇଥିଲା। ଏଠାରେ ବସବାସ କରୁଥିବା ଲୋକେ ଓଡ଼ିଆରେ କ୍ଥାବାର୍ତ୍ତା ହେବା ସହିତ ପୂଜାପାଠ ପର୍ବପର୍ବାଣୀ ଓଡ଼ିଶା ପରମ୍ପରା ଅନୁଯାୟୀ କରିଥାନ୍ତି ଓ ଓଡ଼ିଆଙ୍କ ଆରାଧ୍ୟ ଠାକୁର ଶ୍ରୀଜଗନ୍ନାଥଙ୍କ ଯେଭଳି ଓଡ଼ିଆ ପରମ୍ପରା ଅନୁଯାୟୀ ରଥଯାତ୍ରା ହୋଇଥାଏ। ସେହିଭଳି ଛତିଶଗଡ଼ରେ ମଧ ରଥ ଟଣା ହୋଇଥାଏ। ବାହୁଡ଼ାଯାତ୍ରା ହୋଇ ମହାପ୍ରଭୁଙ୍କୁ ମାଉସୀ ମା' ମନ୍ଦିରକୁ ଅଣାଯାଇଥାଏ। ଦେଭୋଗ ବ୍ଲକ ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକ, କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଓ ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ ସୀମାନ୍ତକୁ ଲାଗିଛି। ଛତିଶଗଡ଼ର ଦେଭୋଗ ବ୍ଲକ ଅଞ୍ଚଳରୁ ଉତ୍ତମ ବାସନା ଚାଉଳ ଉତ୍ପାଦନ ହୋଇଥାଏ। ଓଡ଼ିଶା ବିଭାଜନ ପୂର୍ବରୁ ଏହି ଅଞ୍ଚଳଟି ମିଶିକି ରହିଥିଲା। ସେତେବେଳେ ଏହି ଅଞ୍ଚଳରୁ ଚାଉଳ ପୁରୀ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଭୋଗ ପାଇଁ ଯାଉଥିଲା। ସେଥିପାଇଁ ଏହି ବ୍ଲକର ନାମ ଦେଭୋଗ ନାମରେ ନାମିତ ହୋଇଛି। ଛତିଶଗଡ଼ର ରାୟପୁର ସହରର ଶଙ୍କରନଗର ଠାରେ ଅବସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ବହୁ ଆଡ଼ମ୍ବର ସହକାରେ ରଥଟଣା ହୋଇଥାଏ। ଛତିଶଗଡ଼ ରାଜ୍ୟର ଦେଭୋଗ ଅଞ୍ଚଳର ପ୍ରାୟତଃ ୯୦ ପ୍ରତିଶତ ଲୋକ ଓଡ଼ିଆ ଭାଷା ଉପରେ ନିର୍ଭର କରନ୍ତି। ତାଙ୍କର ବେଶ ଭୂଷା ମଧ ଓଡ଼ିଆ ଚାଲିଚଳଣି ଭଳି ପୁରୁଷମାନେ ଧୋତି ଓ କୁର୍ତ୍ତା ଓ ମହିଳାମାନେ ଶାଢ଼ୀ ଓଡ଼ିଆ ପରମ୍ପରା ଅନୁଯାୟୀ ପିନ୍ଧିଥାନ୍ତି ଓ ଓଡିଆଙ୍କ ପରି ପରି ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ, ଦଶହରା, ଲକ୍ଷ୍ମ ଲକ୍ଷ୍ମୀପୂଜା, ମାଣବସା ଗୁରୁବାର ବ୍ରତ ସମେତ ଅନେକ ଧାର୍ମିକ ପୂଜାପାଠ ଓଡ଼ିଆ ପରମ୍ପରା ଅନୁଯାୟୀ ହୋଇଥାଏ। ଏବେବି ରାୟପୁରରେ ଉତ୍କଳ ପାଠଶାଳା ରହିଛି ଓ ଛତିଶଗଡ଼ର ଉତ୍କଳ ସମାଜ ତରଫରୁ ଓଡ଼ିଆ ଭାଷା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଚେଷ୍ଟା ଜାରି ରହିଛି। ଏବେ ଓଡ଼ିଆ ଭାଷାକୁ ପଡ଼ୋଶୀ ଝାରଖଣ୍ଡ ସ୍ୱୀକୃତି ନ ଦେବା ଓ ପ୍ରାଥମିକ ଶିକ୍ଷା ପରୀକ୍ଷଣ ପାଇଁ ହେବାକୁ ଥିବା ପରୀକ୍ଷାରେ ଓଡ଼ିଆ ଭାଷାକୁ ବାଦ ଦେବାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଛତିଶଗଡ଼ରେ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଭାଷାକୁ ସୁରକ୍ଷା ଦେବାକୁ ଶିକ୍ଷାବିତ୍ ମହଲରେ ଦାବି ହେଉଛି। ଏପରିକି ଓଡ଼ିଆ ଭାଷାରେ ପାଠଶାଳା ଖୋଲି ପାଠ୍ୟଦାନର ବ୍ୟବସ୍ଥା କରିବାର ଆବଶ୍ୟକ୍ତା ରହିଛି। ଛତିଶଗଡ଼ ରାଜ୍ୟର ରାୟପୁର ସହରରେ ଅନେକ ଓଡ଼ିଆ ବସବାସ କରି ସେଠାରେ ଗୁଜୁରାଣ ମେଣ୍ଟାଉଛନ୍ତି। ଏମାନେ ବାଧହୋଇ ସେଠାରେ ହିନ୍ଦୀ ଭାଷାରେ ପାଠ ପଢ଼ିବା ସହ କଥା ବାର୍ତ୍ତା କରିଥାନ୍ତି। ତେଣୁ ସରକାର ପଦକ୍ଷେପ ନେଇ ସମାଧାନ କରିବାର ପନ୍ଥା ଅବଲମ୍ବନ କଲେ ଓଡ଼ିଆମାନେ ବିଶେଷ ଉପକୃତ ହେବା ସହ ପଡୋଶୀ ଛତିଶଗଡ଼ ରେ ରହୁଥିବା ଓଡ଼ିଆମାନଙ୍କ ପାଇଁ ଓଡିଆ ପାଠଶାଳା ଖୋଲିବାର ଆବଶ୍ୟକତା ମନେ ହେଉଛି।

**● ନାରାୟଣନଗର ରାମଲୀଳା**

## ସୀତାବିବାହ ମଞ୍ଚସ୍ଥ: ବାନ୍ଧ କଳାକାରଙ୍କୁ ସମ୍ବର୍ଦ୍ଧନା

**ଜହ୍ନାପଙ୍କ, ୩୧।୩(ସମିସ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗ୍ରାମରେ ଚାଲିଥିବା ଶ୍ରୀ ରାମଲୀଳା ନାଟକ ଉତ୍ସବର ତୃତୀୟ ରଜନୀରେ 'ସୀତା ବିବାହ' ଓ 'ପର୍ଶୁରାମ ଭେଟ' ମଞ୍ଚସ୍ଥ ହୋଇଛି। ଏଥିପାଇଁ ମଙ୍ଗଳବାର ସକାଳେ ପ୍ରଭୁଙ୍କ ତେଲହଳଦୀ କରାଯାଇ ନଗର ପରିକ୍ରମା କରାଯାଇଥିଲା। ସନ୍ଧ୍ୟାରେ ମହିଳାମାନଙ୍କ ଦ୍ୱାରା ଏକ ପଟୁଆରରେ ବିଭିନ୍ନ ପ୍ରକାର ମିଠା, ଫଳ, ଅଳଙ୍କାର ନେଇ ଗ୍ରାମ ପରିକ୍ରମା କରାଯାଇ ପ୍ରଭୁ ରାମଚନ୍ଦ୍ର ଓ ମାତା ସୀତାଙ୍କ ନିର୍ବନ୍ଧ କାର୍ଯ୍ୟକ୍ରମ ଜଗନ୍ନାଥ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କୁ ନେଇ ଏକ ବିରାଟ ବିବାହ ଶୋଭାଯାତ୍ରାରେ ବାହାର କରାଯାଇ ତ୍ରିନାଥ ସାହି, ହରିବଂଶ ଛକ, ଗଙ୍ଗାଧର ଛକ, ସାହୁ ଗଳି, ତ୍ରିବେଣୀ ଛକ, ସ୍କୁଲ ସାହି, ଦୈନିକ ବଜାର, ଚାଷୀସାହି ଦେଇ ମନ୍ଦିର ମଣ୍ଡପରେ ପହଞ୍ଚିବା ପରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପରେ ନାଟକ ମଞ୍ଚସ୍ଥ ହୋଇଥିଲା। ଦଶରଥ ଭୂମିକାରେ ପିତାମ୍ବର ମେହେର, ଜନକ ନେପାଳ ମେହେର, ପର୍ଶୁରାମ ମନ୍ତ୍ରୀ ମେହେର, ରାମଚନ୍ଦ୍ର-ଚୂଡ଼ାମଣି ମେହେର, ଲକ୍ଷ୍ମଣ ରଞ୍ଜନ ମେହେର, ଭରତ ସଞ୍ଜୀବ ମେହେର, ଶତ୍ରୁଘ୍ନଜିତୁ ମେହେର, ସୀତାଦୀପକ ମେହେର, ଭୂମିଳା-ପିଣ୍ଟୁ ମେହେର, ମାଣ୍ଡବୀ- ଲଳିତ, ଶ୍ରୁତକୀର୍ତ୍ତିଜିତେନ ମେହେର, ସୁମନ୍ତ୍ରଲକ୍ଷ୍ମଣ ମେହେର, ସତ୍ୟାନନ୍ଦ ସନ୍ତୋଷ ମେହେର, ମହାମନ୍ତ୍ରୀପୀତବାସ ମେହେର, ବଶିଷ୍ଠ ଭୂମିକାରେ ଥପା ମେହେର ଅଭିନୟ କରିଥିଲେ। ଲକ୍ଷ୍ମୀପ୍ରସାଦ ୟୁପିସ୍କୁଲ ଓ ଜଗତିର ଛାତ୍ରଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲାର ସୁବଳୟା ଗ୍ରାମର ଘନଶ୍ୟାମ ମେହେରଙ୍କ ଦ୍ୱାରା ହାତବୁଣାବାନ୍ଧ କଳାରେ ନିର୍ମିତ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କ ତ୍ରୀମୂର୍ତ୍ତି ଥିବା ଫୋଟୋ ଚିତ୍ର ପ୍ରସ୍ତୁତି କରିଥିଲେ। ଏହି ଚିତ୍ରକୁ ଶ୍ରୀ ଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିରକୁ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ଭୋଳାଗିରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେରେ ବରିଷ୍ଠ ସଦସ୍ୟ ଫକୀର ମେହେର, ବିଜୟ ସାହୁ, ସମ୍ପାଦକ କୃଷ୍ଣ ଗୋପାଳ ମେହେରଙ୍କ ଦ୍ୱାରା ରାମଲୀଳା ମଞ୍ଚ ଉପରେ ପଦର୍ଶିତ ହୋଇଥିଲା। ରାମଲୀଳା ସାଂକୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜାତୀୟ ଜନଗଣନା ପାଇଁ ସଚେତନତା ଶୋଭାଯାତ୍ରା



**ନୂଆପଡ଼ା, ୩୧।୩(ସମିସ):** ଜାତୀୟ ଜନଗଣନା-୨୦୨୭ ବିଷୟରେ ସାଧାରଣଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନତା ରାଲି ଆୟୋଜିତ ହୋଇଯାଇଛି। ଶୋଭାଯାତ୍ରାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟାଳୟ ଠାରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ମୁଖ୍ୟାଳୟଠାରୁ ବାହାରି ଏକତା ଛକ ପର୍ଯ୍ୟନ୍ତ ପରିଭ୍ରମଣ କରି ପୁନଃ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରେ ସମାପ୍ତ ହୋଇଥିଲା। ରାଲି ସହ ଲାଉଡ ସ୍ପିକର ମାଧ୍ୟମରେ ଜନଗଣନାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ସହ ଏକ ହସ୍ତାକ୍ଷର ଅଭିଯାନ ମଧ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ କହିଥିଲେ ଜନଗଣନା ଏକ ଜାତୀୟ କାର୍ଯ୍ୟକ୍ରମ ଓ ଏଥିରେ ସମସ୍ତଙ୍କ ସକ୍ରିୟ ଅଂଶଗ୍ରହଣ ଅତ୍ୟାବଶ୍ୟକ। ନୂଆପଡ଼ା ଜିଲ୍ଲାର ସମସ୍ତ ଅଧିବାସୀ ସ୍ୱୟଂ ଗଣନାରେ ସକ୍ରିୟ ଭାଗ ନେବା ସହ ମୂଳ ଗଣନା ସମୟରେ ଗଣନାକାରୀଙ୍କୁ ସଠିକ ତଥ୍ୟ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ଏଡିଏମ୍ ସୁବାଷ ଚନ୍ଦ୍ର ରଇତ, ସିଡିଓ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ସହ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜନଗଣନା-୨୦୨୭ ଅନୁସାରେ ସ୍ୱୟଂ ଗଣନା ୧ଏପ୍ରିଲ ୨୦୨୬ରୁ ୧୫ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଚାଲିବ ଏବଂ ୧୬ଏପ୍ରିଲ ୧୬ ଏପ୍ରିଲ ୨୦୨୬ ଠାରୁ ମୂଳ ଗଣନା କାର୍ଯ୍ୟ ଆରମ୍ଭ ହେବ।

# ଲାଖବାହାଲି ମାଁ ଠାକୁରାଣୀଙ୍କ ଝାମୁଯାତ୍ରା ସମ୍ପନ୍ନ

**ଲାଞ୍ଜିଗଡ଼, ୩୧।୩(ସମିସ):** ପ୍ରାଚୀନ ଧର୍ମଧାରାର ପ୍ରତୀକ ମାଁ ଠାକୁରାଣୀଙ୍କ ଝାମୁଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତ ସ୍ଥିତ ଲାଖବହାଲି ମାଁ ଠାକୁରାଣୀଙ୍କ ପୀଠ ଉତ୍ସବ ମୁଖର ହୋଇଉଠିଛି। ପ୍ରଥମେ ଗାଁରୁ ବିଭିନ୍ନ ପ୍ରକାର ଶସ୍ୟ ଧାନ, ବିରି, ମୁଗ, କୋଳଥ, ମକା, ସଂଗ୍ରହ କରି ନୂଆଁ ବାଉଁଶରେ ସାତଟି ଚାଙ୍ଗୁଡ଼ି ତିଆରି କରି ଚାଙ୍ଗୁଡ଼ିରେ ନିକଟସ୍ଥ ଖଣ୍ଡାଧୁଆ ନଦୀରୁ ବାଲି କଢାଯାଇଥିଲା। ପରେ ୭ଟି ନୂଆଁ ଚାଙ୍ଗଡ଼ିରେ ଗାଁରୁ ସଂଗୃହିତ ବିଭିନ୍ନ ପ୍ରକାର ବିହନକୁ ଗଜା ହେବାପାଇଁ ବାଲି ଚାଙ୍ଗୁଡ଼ିରେ ପକାଯାଇଥିଲା। ସେହି ବାଲି ଗଜାକୁ ସାତଦିନ ପର୍ଯ୍ୟନ୍ତ ରିନିନୀତି ଅନୁସାରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିଲେ ଓ ନିକଟସ୍ଥ ଶୁଣେଶରୁ ଜଙ୍ଗଲକୁ ଯାଇ ବେଲକଣ୍ଟା ଆଣି ପୂଜକମାନେ ବେଲ କଣ୍ଟାରେ ଝାମେର ଦୋଲି ପ୍ରସ୍ତୁତ କରିଥିଲେ। ଯାତ୍ରା ଦିନ ବେଲକଣ୍ଟା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥିବା ବେଳେ ଡହଡ଼ହ ତତଲା କାଳିସୀ ନିଆଁରେ ଚାଲିବା ସହ ନିଜର ଶକ୍ତିର ପରିଚୟ ଦେଇଥିଲେ। ଏହାପରେ ମାନସିକ କରିଥିବା ଭକ୍ତମାନେ ଛେଳି, କୁକୁଡ଼ା ଓ ପାରା ବଳି ଦେଇଥିଲେ। ମାଁ ଠାକୁରାଣୀଙ୍କ ମୁଖ୍ୟପୂଜକ ରାମଚନ୍ଦ୍ର ନାଏକ, ବାହୁକ ଅଭିରାମ ନାଏକ, ରୋଶନ ମାଝୀ, ମାଁ ଠାକୁରାଣୀ ସାଂସ୍କୃତିକ ଅନୁଷ୍ଠାନର ସଦସ୍ୟ ସୁରେଶ ନାଏକ, ଶିବରାମ କରକରିଆ, ସାନ ବାବୁ ମାଝୀ, ନିବାସୀ ନାଏକ, ସୁଶାନ୍ତ ନିଆଲ, ସୁନ୍ଦର ନିଆଲ, ଗୋରାଙ୍ଗ ଛତ୍ରୀୟା, କନେଇ ତାଣ୍ଡି, କାଳିଆ ମାଝୀ, ଜମା ମାଝୀ ଲକ୍ଷ୍ମଣ ମାଝୀ, ସମେତ ଗ୍ରାମବାସୀ ସହଯୋଗ କରିଥିବା ବେଳେ ମାଁ ଠାକୁରାଣୀଙ୍କ ଝାମୁ ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା।



## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର



**ଭବାନୀପାଟଣା, ୩୧।୩(ସମିସ):** ଭବାନୀପାଟଣା ବ୍ଲକ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ କଳାହାଣ୍ଡି ଜିଲ୍ଲା ଡାକସେବା ବିଭାଗ ତରଫରୁ ଭବାନୀପାଟଣା ବ୍ଲକର ଲକ୍ଷପତି ଦିଦିମାନଙ୍କୁ ନେଇ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ, ସାଇବର ଅପରାଧ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ବିଭାଗ, କଳାହାଣ୍ଡି ବିବେକାନନ୍ଦ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସହକାରୀଅଧିକ୍ଷକ ଡାକବିଭାଗ କଳାହାଣ୍ଡି ଏନ. ସଞ୍ଜୟ କୁମାର ଦୋରା, ଡିଓପିଏଲଆଇ ଅଭିଷେକ ପଣ୍ଡା, ଡିପିଏମ, ଓ ଏଲ୍ଏମ୍ ଡଃ, ଚନ୍ଦନ ବେହେରା, ପ୍ରମୁଖ ଯୋଗଦେଇଥିଲେ। ସହକାରୀ ନିର୍ଦ୍ଦେଶକ ଶ୍ରୀ ମହାନନ୍ଦ ଆର୍ଥିକ ସାକ୍ଷରତା ଓ ସାଇବର ଅପରାଧ ଶିବିର ଆୟୋଜନର ଆଭିମୁଖ୍ୟ ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ। ଡାକସେବା ବିଭାଗର ଅଧିକାରୀମାନେ ଡାକବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ବିଭିନ୍ନ ଲାଭଜନ ସ୍କିମ୍ ଉପରେ ସୂଚନା ଦେଇ ଏହାର ଲାଭ ଉଠାଇବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ, ଆର୍ଥିକ ସାକ୍ଷରତା ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ, ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରଥ ନିର୍ମାଣ ପାଇଁ ପୁରୀ ଗଲା କାଠଗଣ୍ଡି



**ମନମୁଣ୍ଡା, କନ୍ଧମାଳ, ୩୧।୩(ସମିସ):** ମନମୁଣ୍ଡା ବନ ବିଭାଗରୁ ୨୭ ଗଣ୍ଡି ଧରୁଆ କାଠ ପୁରୀ ରଥ ନିର୍ମାଣ ପାଇଁ ଆଜି ପ୍ରେରଣ କରାଯାଇଛି। ରେଞ୍ଜ ଅଫିସର ଶ୍ରୀବସ୍ତ କୁମୁରା ଓ ଗୁଦ୍ରୁଲିଆ ବନପାଳ ଦେବକାନ୍ତ ବେହେରାଙ୍କ ନେତୃତ୍ୱରେରେ ଗୁଦ୍ରୁଲିଆ ସେକ୍ସନ ସୁବର୍ଣ୍ଣଗିରି ଜଙ୍ଗଲରୁ ୧୨ ଫୁଟର ୧୦ ଟି ଏବଂ ୨୦ ଫୁଟର ୧୭ ଟି ଏମିତି ମୋଟ ୨୭ ଟି ଧରୂଆ କାଠ ଗଣ୍ଡିକୁ ପୂଜାର୍ଚ୍ଚନା କରାଯାଇ ପଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନମୁଣ୍ଡା ବନପାଳ ପ୍ରକାଶ ଚନ୍ଦ୍ର ସେଠୀ, ଗାର୍ଡ ପ୍ରଦ୍ୟୁମ୍ନ ପ୍ରଧାନ, ଭକ୍ତଭୋଇ, ଫତିମା ବିବି, ଓମ୍ ପ୍ରକାଶ ଦନାୟକ, ପ୍ରଶାନ୍ତ ସେଠୀ, ପ୍ରକାଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଏତଦ୍‌ବ୍ୟତୀତ ଗୁଦ୍ରୁଲିଆ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗ୍ରାମବାସୀ ରଥ କାଠ ପ୍ରେରଣ କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ।

## ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କର୍ଲାମୁଣ୍ଡା, ୩୧।୩:(ସମିସ):** ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୧୯୮୩ ମସିହା ଅଗଷ୍ଟ ୯ ତାରିଖରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିବା ଶ୍ରୀମତୀ ପଣ୍ଡା ଦୀର୍ଘ ୪୩ ବର୍ଷର ନିଷ୍ଠାପର ସେବା ପରେ ଆଜି କାର୍ଯ୍ୟରୁ ଅବସରଗ୍ରହଣ କରିଛନ୍ତି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ ବାଗଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ବାଞ୍ଛାନିଧି ପଣ୍ଡା, ରିଷିଡା ସରପଞ୍ଚ ସେବତୀ ରଣା, ସ୍କୁଲ ପରିଚାଳନା କମିଟି ସଭାପତି ରାଧାକାନ୍ତ ସେଠ, ପ୍ରାକ୍ତନ ସମ୍ପାଦକ ରାଜକିଶୋର ଜୈନ, ନେମିଚାନ୍ଦ ଜୈନ ଅବସରପ୍ରାପ୍ତ ଏବିଇଓ ରୋହିତ ରଣା, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦିଲିପ କୁମାର ରଣା, ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ପ୍ରିୟତମା ଜେନା, ଏସଏମଡିସିର ପ୍ରାକ୍ତନ ସଦସ୍ୟ ନନ୍ଦକିଶୋର ରଣା (କ), ପିଏମ୍‌ଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା, ଅବସରପ୍ରାପ୍ତ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଖେଳ ଶିକ୍ଷକ ଦେବେନ୍ଦ୍ର ଭୋଇ ଏବଂ ପ୍ରାଥମିକ ଶିକ୍ଷୟିତ୍ରୀ ଶର୍ମିଷ୍ଠା ପାଣିଗ୍ରାହୀ ସଭାସଂଯୋଜନା ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ରିଞ୍ଜା ହାଇସ୍କୁଲ ପ୍ରଧାନଶିକ୍ଷକ ରାମଚନ୍ଦ୍ର ରଥ ସ୍କୁଲ ପରିଚାଳନା କମିଟି ସଦସ୍ୟ, ସଦସ୍ୟା ଶିକ୍ଷକଶିକ୍ଷୟିତ୍ରୀ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ କୁମାର, ଭଜଶ୍ୟାମ ସାହୁ, ଗ୍ରାମ୍ୟବିକାଶ କମିଟି ସଭାପତି ନାରାୟଣ ରଣା, ଅନ୍ତର୍ଯ୍ୟାମୀ ସାହୁ, ଗ୍ରାମର ଶିକ୍ଷପ୍ରେମୀ ମାନେ ଉପସ୍ଥିତ ଥିଲେ।

## ବଙ୍ଗୋମୁଣ୍ଡାରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶ ପୁତ୍ତଳିକା ଦାହ

**କଣ୍ଟାବାଞ୍ଜି, ୩୧।୩(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡାରେ ଆଜି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କୁଶପୁତ୍ତଳିକା ଦାହ କରିଛି ଯୁବ ବିଜେଡି। ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଅଜିତ କୁମାର ଯୋଶୀଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କୁ ଅପମାନିତ କରାଯାଇଥିବାନେଇ



ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଛି। ନିସର୍ତ୍ତ କ୍ଷମା ନ ମାଗିଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଜଣେ ସାଂସଦଙ୍କ ଠାରୁ ଏଭଳି ମନ୍ତବ୍ୟ ଆଶା କରା ନ ଯାଏ, ଯାହା ଓଡ଼ିଶାବାସୀଙ୍କୁ ଆଘାତ ଦେଇଛି। ବିଜୁ ବାବୁଙ୍କ ବିଷୟ ରେ କିଛି ନଜାଣି ତାଙ୍କ ବିଷୟରେ ଏଭଳି କହିଥିବାରୁ ସେ ତୁରନ୍ତ କ୍ଷମା ମାଗନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି କରାଯାଇଛି। ଏଥିରେ ମଣ୍ଟୁ ସରାଫ, କିରଟି ସାହୁ, ବାଳକୃଷ୍ଣ ଭାଟି, ନରେଶ ମାଝୀ, ପିଣ୍ଟୁ ଦାସ, ବାଲା ସାହୁ, କ୍ଷୀର ସାହୁ, ମିନିକେତନ ମାଝୀ, କେତନ ଭାଟି ପ୍ରମୁଖଙ୍କ ସହ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟତା ଦିବସ

**ନୂଆପଡ଼ା, ୩୧।୩(ସମିସ):** ନୂଆପଡ଼ା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟତା ଦିବସ୨୦୨୬ ସ୍ଥାନୀୟ ପଥପ୍ରାନ୍ତ ସେବା କେନ୍ଦ୍ରରେ ପାଳିତ ହୋଇଯାଇଛି। ଏ ବର୍ଷ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା "ଅନେକରେ ଏକ ସମାନତା, ଆତ୍ମଗୌରବ ଏବଂ ଅଧିକାର ପାଇଁ ଏକ ପ୍ରୟାସ"। "ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଉପଜିଲ୍ଲାପାଳ ସୁର୍ମି ସୋରେନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ଡ଼. ସୋନିଆ ଜୈନ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ, କିନ୍ନର ସଂଘ "ସାଥୀ" ର ଅଧ୍ୟକ୍ଷା ଜୁଲି ମାଝୀ ପ୍ରମୁଖ ଯୋଗଦେଇ ଥିଲେ। ନିଜ ଉଦବୋଧନରେ ଜିଲ୍ଲାପାଳ କହିଥିଲେ ଯେ, କିନ୍ନର ସମୁଦାୟକୁ ସମାଜର ଅଂଶ ଭାବେ ଗ୍ରହଣ କରି ସେମାନଙ୍କ ସମାନ ଅଧିକାର, ସମ୍ମାନ ଓ ଆତ୍ମଗୌରବ ସୁନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ। ସେମାନଙ୍କୁ ସମାଜର ମୁଖ୍ୟ ଧାରାରେ ଆଣିବା ପାଇଁ ସାମୁହିକ ପ୍ରୟାସ ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ। ଏହା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ତୃତୀୟ ଲିଙ୍ଗକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। "କାର୍ଯ୍ୟକ୍ରମରେ ବିଭିନ୍ନ ସଚେତନତାମୂଳକ ଆଲୋଚନା ସହ ଝୋଟି, ପୁଚି ଖେଳ, ହୁଳାହୁଳି, ମ୍ୟୁଜିକ୍ ଚେୟାର, ନୃତ୍ୟ-ସଙ୍ଗୀତ ଓ ବ୍ୟୁଟି କନ୍‌ଟେଷ୍ଟ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ଅତିଥିମାନେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। "ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ତଥ୍ୟ ଅନୁଯାୟୀ, ଜିଲ୍ଲାରେ ମୋଟ ୧୦୪ ଜଣ କିନ୍ନର ଚିହ୍ନଟ ହୋଇଥିବାବେଳେ ୬୭ ଜଣଙ୍କୁ ପରିଚୟପତ୍ର ଜାରି କରାଯାଇଛି ଓ ୩୫ ଜଣଙ୍କୁ ପେନସନ ସୁବିଧା ଯୋଗାଇ ଦିଆଯାଉଛି। ଅବଶିଷ୍ଟ ସମସ୍ତଙ୍କୁ ଶୀଘ୍ର ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କହିଛନ୍ତି। "ଏହା ପୂର୍ବରୁ ଆଜି ସକାଳେ, ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ କିନ୍ନର ଦୃଶ୍ୟତା ଦିବସ୨୦୨୬ ଉପଲକ୍ଷେ ଜିଲ୍ଲା ମୁଖ୍ୟାଳୟ ଠାରୁ ଏକତା ଛକ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରା ଯାଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ଥିଲେ।



# ଝରଣୀପାଲିରେ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ନେଇ ବିବାଦ

ବଲାଙ୍ଗିର, ୩୧।୩(ସମିସ)

ବଲାଙ୍ଗିର ଜିଲ୍ଲା ଆଗଲପୁର ଥାନା ଝରଣୀପାଲି ପଞ୍ଚାୟତରେ ଅନ୍ତ୍ୟୋଦୟ ଗୃହ ଯୋଜନାକୁ ନେଇ ଗଣ୍ଡଗୋଳିଆ ପରିସ୍ଥିତି ଦେଖିବାକୁ ମିଳିଛି। ଏହି ଯୋଜନାରେ ସାମିଲ ହେବାପରେ ଜଣେ ହିତାଧିକାରୀଙ୍କୁ ବିଜେପି ନେତା ଟଙ୍କା ମାଗିଥିବା ବେଳେ ଏହାକୁ ପ୍ରତିବାଦ କରି ହିତାଧିକାରୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ସମ୍ପୃକ୍ତ ବିଜେପି ନେତାଙ୍କୁ ହିତାଧିକାରୀ ଜଣକ ଆକ୍ରମଣ ଉଦ୍ୟମ କରିଥିବା କହି ସେ ଥାନାକୁ ଜଣାଇଥିବା ପରେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏହି ଘଟଣାର ଭିନ୍ନଭିନ୍ନ ଦିଗକୁ ନେଇ ଆଲୋଚନା ଆରମ୍ଭ ହୋଇଥିବା ବେଳେ ସମ୍ପୃକ୍ତ ବିଜେପି ନେତା ଜଣକ ସ୍ୱାସ୍ଥ୍ୟମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକଙ୍କ ନିକଟତର ବ୍ୟକ୍ତି ହୋଇଥିବାରୁ ପୁଲିସ ମଧ ଚାପରେ ପଡ଼ି ମାମଲାକୁ ରଫାଦଫା କରିବା ସହ ଭିନ୍ନ ରଙ୍ଗ ଦେବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତର ଅନିରୁଦ୍ଧ ଗଡ଼ତ୍ୟା ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ଆବେଦନ କରିଥିଲେ। ନୋଡାଲ ଅଧିକାରୀ ଆସି ଯାଞ୍ଚ କରିବା ପରେ କୁଆଡ଼େ ଯୋଗ୍ୟ ବିବେଚିତ କରିଥିଲେ। ଏହାପରେ କୌଣସି କାରଣରୁ ତାଙ୍କ ନାମ କଟିଯାଇଥିବା ଜଣାପଡ଼ିଥିଲା।

ତେବେ ଏହାକୁ ନେଇ ସ୍ଥାନୀୟ ଯୁବକ ସୁକେଶ ଥପା ତାଙ୍କୁ ଟଙ୍କା ମାଗିଥିବା ଅଭିଯୋଗ ହୋଇଛି। ଟଙ୍କା ଦେଲେ ସେ ଯୋଜନାରେ ସାମିଲ ହୋଇପାରିବେ ବୋଲି କହିଥିଲେ। କିନ୍ତୁ ଅନିରୁଦ୍ଧ ମନା କରିଦେଇଥିଲେ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏନେଇ ଅନିରୁଦ୍ଧ ଆଗଲପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଆଗଲପୁର ପୁଲିସର ଏକ ଟିମ୍ ଯାଇ ସମ୍ପୃକ୍ତ ବିଜେପି ନେତା ସୁକେଶଙ୍କୁ ପୁଲିସ ଗାଡିରେ ଥାନାକୁ ଆଣିଥିଲା। ସ୍ଥାନୀୟଲୋକେ ସୁକେଶଙ୍କୁ ଉକ୍ତ ଘଟଣାରେ ଗିରଫ କରାଯାଇଥିବା ନେଇ ଆଲୋଚନା ହେଉଥିବା ବେଳେ ଆଗଲପୁର ଥାନା ଅଧିକାରୀ କିନ୍ତୁ ଭିନ୍ନ ଏକ ପ୍ରତିକ୍ରିୟା ରଖିଛନ୍ତି। ଆଗଲପୁର ଥାନା ଅଧିକାରୀ ଅନୀତା ନାୟକଙ୍କ କହିବା ଅନୁସାରେ ସୁକେଶ କୁଆଡ଼େ ନିଜେ ପୁଲିସକୁ ଫୋନ କରି ତାଙ୍କୁ ମାରିବା ପାଇଁ ଜଣେ ବ୍ୟକ୍ତି ଗୋଡ଼ାଉଥିବା କହିଥିଲେ। ସେ ଲୁଚି ରହିଥିବାବେଳେ ତାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ। ଫଳରେ ପୁଲିସର ଏକ ଟିମ୍ ଯାଇ ତାଙ୍କୁ ଉଦ୍ଧାର କରିଥିବା ଥାନା ଅଧିକାରୀ କହିଛନ୍ତି। ଏପରିକି ଏହି ସମୟରେ ଭିଡିଓ ଉତ୍ତୋଳନ କରିଥିବା ଯୁବକକୁ ପୁଲିସ ଗିରଫ କରିବ ବୋଲି ମଧ କହିଥିଲେ। ତେବେ ସତ କ'ଣ ତାହା ସେ ସ୍ପଷ୍ଟ ଭାବେ କହୁନଥିବା ବେଳେ ଅନିରୁଦ୍ଧ ସୁକେଶ ନାମରେ ଅଭିଯୋଗ କରିଥିବା ନିଜେ ସ୍ୱୀକାର କରିଥିଲେ।

**ହିତାଧିକାରୀଙ୍କ ନାମରେ ଆକ୍ରମଣ ଉଦ୍ୟମ ଅଭିଯୋଗ**

ଏହି ଘଟଣାକୁ ନେଇ ସେ ଦେଇଥିବା ପ୍ରତିକ୍ରିୟା ଓ ଗାଁରେ ହେଉଥିବା ଆଲୋଚନାରେ ଅନେକ ଭିନ୍ନତା ରହିଛି। ସ୍ଥାନୀୟ କିଛି ବ୍ୟକ୍ତିଙ୍କ କହିବା ଅନୁସାରେ ପୁଲିସ ଚାପଗ୍ରସ୍ତ ହୋଇ ସରକାରୀ ଦଳର କର୍ମୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖଲୋକ ହୋଇଥିବାରୁ ସମ୍ପୃକ୍ତ ଯୁବକକୁ ସୁରକ୍ଷା ଦେଉଥିବା ଅଭିଯୋଗ କରିଛନ୍ତି। ତେବେ ରାଜ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଭିନ୍ନ ପ୍ରସଙ୍ଗରେ ବିବାଦୀୟ ହୋଇରହିଥିବା ବେଳେ ଏହି ଘଟଣା ସାମ୍ନାକୁ ଆସିଲେ ତାଙ୍କ ଛବି ଆହୁରି ଖରାପ ହେବା ଆଶଙ୍କାରେ ପୁଲିସ ମଧ ଯୁବକକୁ ସୁରକ୍ଷା ଦେବା ଅଭିଯୋଗକୁ ଏଡାଇ ଦିଆଯାଇ ନ ପାରେ। ତେବେ ଘଟଣା ଯାହା ହେଉନା କାହିଁକି ଯଦି ଅନ୍ତ୍ୟୋଦୟ ଗୃହ ଯୋଜନା କରାଇବା ନାମରେ ଟଙ୍କା ମାଗିବା ଏକ ଦୁର୍ଭାଗ୍ୟଜନକ ଘଟଣା। ତାହା ପୁଣି ସରକାରୀ ଦଳ ର କର୍ମୀ ଓ ବିଧାୟକଙ୍କ ପାଖଲୋକ କହି ଟଙ୍କା ମାଗିବା ନିହାତି ଭାବେ ବିଜେପି ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଛବି କୁ ଖରାପ କରିବ। ଏମିତିରେ ପୁଲିସ ଚାପଗ୍ରସ୍ତ ହେବା ବଦଳରେ ନିରପେକ୍ଷ ତଦନ୍ତକରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୁଲିସ ଉଭୟ ପକ୍ଷଙ୍କୁ ଡାକି ତଦନ୍ତ ଚଳାଇଛି।

